# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 November – 2025**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆଗାମୀ ୨୦୨୭ ଜନଗଣନା ଲାଗି ଆରମ୍ଭ ହେଲା ପ୍ରକ୍ରିୟା; ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମର ପ୍ରାକ୍ ପରୀକ୍ଷଣର ଶୁଭାରମ୍ଭ
- ପ୍ରଶାସନରେ ସୁଶାସନ ପାଇଁ ଯୋଗ ଓ ଧ୍ୟାନର ପଥ ଆବଶ୍ୟକ; କହିଲେ ମୁଖ୍ୟମନ୍ତ୍ରୀ
- ଭାରତ ମାନବ ବୁଦ୍ଧିମତା ଏବଂ କୃତ୍ରିମ ବୁଦ୍ଧିମତାର ମିଳିତ ଶକ୍ତିଭାବେ ଉଭା ହେବ; କହିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଏବଂ

- କଟକ ବାରବାଟୀରେ ହେବାକୁ ଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ପାଇଁ ଆସନ୍ତା ପହିଲାରୁ ଅନଲାଇନ୍‌ରେ ହେବ ଟିକେଟ୍ ବିକ୍ରି

Desk

## ଜନଗଣନା

ରାଜ୍ୟରେ ଆଗାମୀ ୨୦୨୭ ଜନଗଣନା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି କ୍ରମରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମର ପ୍ରାକ୍ ପରୀକ୍ଷଣ ଆରମ୍ଭ ହୋଇଛି । ଜନଗଣନା ନିର୍ଦ୍ଦେଶାଳୟ ଓଡ଼ିଶା ଓ ରାଜ୍ୟ ସରକାରଙ୍କ ମିଳିତ ସମନ୍ୱୟରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ତହସିଲର ୨୦ଟି ରାଜସ୍ୱ ଗ୍ରାମ, ମୟୂରଭଞ୍ଜ  ଜିଲ୍ଲା ଠାକୁରମୁଣ୍ଡା ତହସିଲର ୪୪ଟି ରାଜସ୍ୱ ଗ୍ରାମ, ଭୁବନେଶ୍ୱର ମହାନଗର ନିଗମର ୨୨ ନମ୍ବର ୱାର୍ଡ ଏବଂ କଟକ ମହାନଗର ନିଗମର ୧୭ ନମ୍ବର ୱାର୍ଡରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଛି । ଏହି ଗଣନା କାର୍ଯ୍ୟ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଗଣନାକାରୀ ଜନସାଧାରଣଙ୍କ ଗୃହ ପରିଦର୍ଶନ କରି ବିଭିନ୍ନ ତଥ୍ୟ ସଂଗ୍ରହ କରିବେ । ଜନସାଧାରଣ ଗଣନାକାରୀଙ୍କୁ ସହଯୋଗ ପ୍ରଦାନ କରିବା ପାଇଁ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ନିବେଦନ କରାଯାଇଛି ।

BBSR/R

## ମୁଖ୍ୟମନ୍ତ୍ରୀ-ବ୍ରହ୍ମକୁମାରୀ

ଯୋଗ ଓ ଧ୍ୟାନର ପଥ ଶୃଙ୍ଖଳା ଓ କରୁଣା ଶିଖାଇଥାଏ । ଏହା ପ୍ରଶାସନରେ ସୁଶାସନ ପାଇଁ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଜନତା ମଇଦାନଠାରେ ବ୍ରହ୍ମକୁମାରୀ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡମ୍ବର ଏବଂ

ମିତବ୍ୟୟୀ ହେବାକୁ ପ୍ରେରଣା ଦିଏ। ଏହାଦ୍ୱାରା ଆମେ ପ୍ରକୃତିର ସମ୍ପଦକୁ ବିଚାରଯୋଗ୍ୟ ଭାବେ ବ୍ୟବହାର କରିଥାଉ। ଆଧ୍ୟାତ୍ମିକ ଜୀବନଶୈଳୀ ଆମର ସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନୁଷ୍ଠାନର 'ସମ୍ପନ୍ନ ଓଡ଼ିଶା, ସ୍ୱର୍ଣ୍ଣିମ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କରିଛନ୍ତି।

Desk

# କେନ୍ଦ୍ରମନ୍ତ୍ରୀ– କୃତ୍ରିମ ବୁଦ୍ଧିମତା

କୃତ୍ରିମ ବୁଦ୍ଧିମତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ, ଡିଜିଟାଲ ସଶକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭାରତର ପରିକଳ୍ପନାକୁ ଆଗକୁ ନେବାରେ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରେ ଏ.ଆଇ. ଇମ୍ପାକ୍ଟ ଫେଷ୍ଟିଭାଲ୍-୨୦୨୫କୁ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ଏହି ପଦକ୍ଷେପ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦କୁ ଆଧାର କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳ୍ପନା ଓ ନବସୃଜନକୁ ଆହୁରି ଗତି ପ୍ରଦାନ କରିବ। ବିକଶିତ ଭାରତ ନିର୍ମାଣରେ ଭାରତ ମାନବ ବୁଦ୍ଧିମତା ଏବଂ କୃତ୍ରିମ ବୁଦ୍ଧିମତା ମିଳିତ ଶକ୍ତିଭାବେ ଉଭା ହେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ବିଭିନ୍ନ ପଦକ୍ଷେପର ମଧ୍ୟ ଶୁଭାରମ୍ଭ କରିଛନ୍ତି।

CTC

## ତାଲୁକ ଆଇନସେବା

କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ସମସ୍ତ ତାଲୁକ ଆଇନସେବା କମିଟି ପରିସରରେ ଆସନ୍ତା ମାସ ୧୩ ତାରିଖରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମୋକଦ୍ଦମା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ଦେଓ୍ୱାନୀ ଓ ଫୌଜଦାରୀ ମାମଲାର ଆପୋଷ ସହମତି ନେଇ ସମାଧାନ କରାଯାଇପାରିବ ବୋଲି କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

Ganjam/Boudh

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ଼ ଓ ବୌଦ୍ଧ ଜିଲ୍ଲାରୁ ୮୦୦ ଜଣ ତୀର୍ଥଯାତ୍ରୀ ଉଜ୍ଜୈନ ଅଭିମୁଖେ ଯାତ୍ରା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।

ବୌଦ୍ଧ ଜିଲ୍ଲାରୁ ଆଜି ୫୫ ଜଣ ବରିଷ୍ଠ ନାଗରିକ ବ୍ରହ୍ମପୁରରୁ ଉଜ୍ଜୈନ ଅଭିମୁଖେ ଯାତ୍ରା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

BBSR/R

## ପଞ୍ଚ ଦିବସୀୟ ପ୍ରଶିକ୍ଷଣ ଶିବିର

ସରକାରୀ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ସି.ଟି.ଟି.ସି' ଠାରେ ଆବାସିକ ବ୍ୟବହାରିକ ଦକ୍ଷତା ବିକାଶର ପଞ୍ଚ ଦିବସୀୟ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଘାଟିତ ହୋଇଯାଇଛି । ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ବିନୀତା ସେନାପତି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତାର ବିକାଶ କରିବା ପାଇଁ ପ୍ରୋତ୍ସାହିତ କରିବା ସହ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଛନ୍ତି ।

Nayagarh

## ପ୍ରାଣୀ ସମ୍ପଦ ମେଳା

ନୟାଗଡ଼ ଜିଲ୍ଲାର ଦଶପଲ୍ଲାଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି । ବ୍ଲକର ଖମାର ସାହି ଗ୍ରାମ ପଡ଼ିଆଠାରେ ଅନୁଷ୍ଠିତ ଏହି ମେଳାରେ ୨୦ଟି ଗ୍ରାମ ପଞ୍ଚାୟତରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ । ଚାଷୀମାନଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ପୁସ୍ତିକା ପ୍ରଦାନ କରାଯାଇଥିଲା ।

Railway

## ଅମୃତ ଭାରତ– ଉଧନା

ରେଳଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ଉଧନା–ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ସପ୍ତାହକୁ

ତିନିଥର ଚଲାଇବା ପାଇଁ ନିଷ୍ପତ୍ତି ହୋଇଛି । ଏହା ସପ୍ତାହକୁ ଗୋଟିଏ ଦିନ ରବିବାର ଚାଲୁଥିବା ବେଳେ ଏବେ ବର୍ତ୍ତମାନ ଏହା ସପ୍ତାହକୁ ତିନି ଦିନ– ରବିବାର, ବୁଧବାର ଏବଂ ଶୁକ୍ରବାର ଚଳାଚଳ କରିବ । ଆସନ୍ତା ୧୯ ତାରିଖଠାରୁ ଏହା କାର୍ଯ୍ୟକାରୀ ହେବ । ତେବେ ଅମୃତ ଭାରତ ଏକ୍ସପ୍ରେସ୍‌ର ବର୍ତ୍ତମାନର ସମୟ, ରହଣି କିମ୍ବା କୋଚ୍‌ରେ କୌଣସି ପରିବର୍ତ୍ତନ ହୋଇନାହିଁ । ଯାତ୍ରୀମାନେ ସଂଶୋଧିତ ଟ୍ରେନ୍ ଚଳାଚଳକୁ ଦୃଷ୍ଟିରେ ରଖି ସେମାନଙ୍କର ଯାତ୍ରା ଯୋଜନା ପ୍ରସ୍ତୁତ କରିବାକୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି ।

Desk

## ବାରବାଟୀ ଟିକେଟ ବିକ୍ରି

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ଅନ୍ତର୍ଜାତିକ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ଡିସେମ୍ବର ମାସ ୯ ତାରିଖରେ ଖେଳାଯିବ । ଏହି ମ୍ୟାଚ୍ ପାଇଁ ଡିସେମ୍ବର ୫ ତାରିଖରୁ ବାରବାଟୀ ଷ୍ଟାଡିୟମ୍‌ର ୬ଟି କାଉଣ୍ଟରରେ ଅଫଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହେବ । ଡିସେମ୍ବର ୧ ତାରିଖରୁ ଅନଲାଇନ୍‌ରେ ଟିକେଟ୍ ଉପଲବ୍ଧ ହେବ । ଡିସେମ୍ବର ୩ ଓ ୪ ତାରିଖରେ ଓସିଏ ଅନୁବନ୍ଧିତ ସଂସ୍ଥାମାନଙ୍କୁ ଟିକେଟ୍ ଦିଆଯିବ । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ପରେ ଓଡ଼ିଶା କ୍ରିକେଟ ସଂଘର ସମ୍ପାଦକ ସଞ୍ଜୟ ବେହେରା ଏହି ସୂଚନା ଦେଇଛନ୍ତି ।

Desk

# ରଣଜୀ ଟ୍ରଫି

ଓଡ଼ିଶା ନାଗାଲାଣ୍ଡ ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ଏଲିଟ୍ ଗ୍ରୁପ୍– ଏ' ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ୧୩୦ ରନ୍‌ରେ ଆଗୁଆ ରହିଛି । ଭୁବନେଶ୍ୱର କିଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ତା'ର ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ୨୭୫ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅନିଲ ପରିଡ଼ା ୧୧୮ ରନ୍ ଏବଂ ବିପ୍ଲବ ସାମନ୍ତରାୟ ୯୨ ରନ୍ ସଂଗ୍ରହ କରିଥିଲେ । ଜବାବରେ ନାଗାଲାଣ୍ଡ ତା'ର ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା । ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସମ୍ବିତ ବରାଳ ଏବଂ ଗୋବିନ୍ଦ ପୋଦାର  ପ୍ରତ୍ୟେକ ତିନୋଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିବାବେଳେ ତାପସ ଦାସ ଗୋଟିଏ ୱିକେଟ୍ ହାସଲ କରିଥିଲେ । ଆଜି ଦ୍ୱିତୀୟ ଦିନ ଷ୍ଟମ୍ପ୍‌ସ ଅପସାରଣ ବେଳକୁ ଓଡ଼ିଶା ତା'ର ଦ୍ୱିତୀୟ ଇନିଂସରେ ୨ ୱିକେଟ୍ ହରାଇ ୧୬ ରନ୍ ସଂଗ୍ରହ କରିଛି ।

SBLPUR/Boudh/BHK/B.garh/S.pur/K.para/D.garh/N.garh

# ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ୪୮ଟି ପଞ୍ଜୀକୃତ ମାମଲା ମଧ୍ୟରୁ ୧୩ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା ।

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଉଟୁଣିଆ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ୩୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗୁଡ଼ିକୁ ବିଚାର କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୮୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସମସ୍ତ ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ୧୦୨ଟି ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ଚାରୋଟି ଅଭିଯୋଗର ସମାଧାନ ହୋଇଥିଲା।

ବରଗଡ଼ ଜିଲ୍ଲା ଭେଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୯୭ଟି ଅଭିଯୋଗ ମଧ୍ୟରୁ ତିନୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଣ୍ଡାରୀପୋଖରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୧୨୫ଟି ଅଭିଯୋଗର ଶୁଣାଣି କରାଯାଇ ୫ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ୪୬ଟି ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ସମ୍ବଲପୁରର ଯୁଜୁମରା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୩୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

Desk

# ଅପସ୍ମାର ଦିବସ

ଅପସ୍ମାର ବା ଏପିଲେପ୍‌ସି ରୋଗ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଅପସ୍ମାର ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ମୋ ଅପସ୍ମାର ଯାତ୍ରା' । ଏହି ରୋଗରେ ପୀଡିତ ବ୍ୟକ୍ତିବିଶେଷଙ୍କୁ  ରୋଗ ସହ ସେମାନଙ୍କର ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିବାକୁ ଉତ୍ସାହିତ କରୁଛି । ଯାହାଦ୍ୱାରା ସଚେତନତା ବୃଦ୍ଧି ହେବା ସହ ଏଥିରେ ପୀଡିତ ଲୋକଙ୍କ ବିଭିନ୍ନ ପ୍ରତିବନ୍ଧକ ଏବଂ ଆହ୍ୱାନ ବିଷୟରେ ବୁଝାମଣା ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ରୋଗ ସମ୍ପର୍କରେ ଡାକ୍ତର **ଲଲାଟ ଦାସ** ଆକାଶବାଣୀକୁ କହିଛନ୍ତି.....

**- V/O -(ଲଲାଟ ଦାସ)**